# NATIONAL NEWS BULLETIN (ODIA)
## 05th November - 2025
## Evening Bulletin : 7.15 p.m.

**************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ପାଇଁ ଆସନ୍ତାକାଲି ଅନୁଷ୍ଠିତ ହେବ ପ୍ରଥମ ପର୍ଯ୍ୟାୟ ମତଦାନ ।
- ଲକ୍ଷପତି ଦିଦି ଅଭିଯାନ ଦେଶର ମହିଳାମାନଙ୍କ ଶକ୍ତି ଓ ଦୃଢ଼ତାର ପ୍ରତୀକ; କହିଲେ ଉପରାଷ୍ଟ୍ରପତି ।
- ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଉନ୍ମୋଚିତ ହେଲା ଏ.ଆଇ. ଶାସନ ମାର୍ଗଦର୍ଶିକା ।
- ଓଡ଼ିଶାର ଐତିହାସିକ ବାଲିଯାତ୍ରା, କଟକ-୨୦୨୫କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପାଇଁ ୧୫ ଜଣିଆ ଦଳ ଘୋଷଣା କଲା ବି.ସି.ସି.ଆଇ. ।

## ବିହାର ପୋଲିଂ ଫାର୍ଷ୍ଟ ଫେଜ୍

ବିହାର ବିଧାନସଭା ପାଇଁ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭୋଟ୍ ଗ୍ରହଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାଟନା, ବୈଶାଳୀ, ନାଳନ୍ଦା, ଭୋଜପୁର, ମୁଙ୍ଗେର, ଶରନ୍, ସିୱନ୍, ଗୋପାଳଗଞ୍ଜ, ମୁଜାଫରପୁର ଆଦି ଜିଲ୍ଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି ।

ଭୋଟ୍ ଗ୍ରହଣ କେନ୍ଦ୍ରରେ ରାଜ୍ୟ ପୋଲିସ୍ ସମେତ କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଛି । ନାରୀ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ୯୨୬ଟି ବୁଥ୍‌ରେ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଦିବ୍ୟାଙ୍ଗମାନଙ୍କ ମତଦାନକୁ ସୁଗମ କରିବା ସକାଶେ ୧୦୭ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏଥିସହିତ

୩୨୦ଟି ଆଦର୍ଶ ବୁଥ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଭୋଟ୍ ଗ୍ରହଣକୁ ଉତ୍ତମ ପରିଚାଳନା କରିବା ଲାଗି ପାଟନାଠାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି । ଏହି ପର୍ଯ୍ୟାୟରେ ୩ କୋଟି ୭୫ ଲକ୍ଷ ମତଦାତା ୧ ହଜାର ୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏମାନଙ୍କ ମଧ୍ୟରେ ୧୨୨ ଜଣ ମହିଳା ପ୍ରାର୍ଥୀ ଥିବା ଜଣାପଡ଼ିଛି ।

## ଭି.ପି. - ଛତିଶଗଡ଼ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଛତିଶଗଡ଼ର ରାଜନନ୍ଦଗାଓଁରେ ଅନୁଷ୍ଠିତ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗ ଦେଇଛନ୍ତି । ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି, ଲକ୍ଷପତି ଦିଦିଙ୍କ ଏହି ସମ୍ମିଳନୀ ମହିଳାମାନଙ୍କ ଆତ୍ମନିର୍ଭରଶୀଳତା, ସଶକ୍ତୀକରଣ ଏବଂ ଉତ୍କର୍ଷତାର ବଳିଷ୍ଠ ପ୍ରମାଣ । ସେ କହିଛନ୍ତି, ଲକ୍ଷପତି ଦିଦି ପଦକ୍ଷେପ ଦେଶର ମହିଳାମାନଙ୍କ ଶକ୍ତି ଏବଂ ଦୃଢ଼ତାର ପ୍ରତୀକ, ଯେଉଁମାନେ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି । ଏହି ଅବସରରେ ରାଜ୍ୟପାଳ ରାମେନ୍ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏବଂ ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ ଉପସ୍ଥିତ ଥିଲେ । ରାଜନନ୍ଦଗାଓଁ ଗସ୍ତ ସମୟରେ ଉପରାଷ୍ଟ୍ରପତି ୫ କୋଟି ଟଙ୍କା

ବ୍ୟୟରେ ନିର୍ମିତ ଉଦୟାଚଳ ମଲ୍‌ଟିସ୍ପେଶିଆଲିଟି ଚକ୍ଷୁ-ଯତ୍ନ ପ୍ରତିଷ୍ଠାନର ମଧ୍ୟ ଉଦ୍‌ଘାଟନ କରିଥିଲେ । ଆଜି ସନ୍ଧ୍ୟାରେ ଉପରାଷ୍ଟ୍ରପତି ଛତିଶଗଡ଼ ରାଜ୍ୟ ଗଠନର ରୌପଜୟନ୍ତୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ।

## ଭି.ପି. - ଏୟାର ଶୋ'

ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍ ଆଜି ଛତିଶଗଡ଼ର ନବ-ରାୟପୁରଠାରେ ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବାଟିକ୍ ଟିମ୍‌ଦ୍ୱାରା ପ୍ରଦର୍ଶିତ ଭବ୍ୟ ଏୟାର ଶୋ' ଅବଲୋକନ କରିଛନ୍ତି । ଛତିଶଗଡ଼ ରାଜ୍ୟ ଗଠନର ରୌପ୍ୟ ଜୟନ୍ତୀ ଅବସରରେ ବାୟୁସେନା ପକ୍ଷରୁ ଅଦମ୍ୟ ସାହସ, ଦକ୍ଷତା ଓ କୌଶଳ ପ୍ରଦର୍ଶିତ ହେବା ସହ ଦେଶପ୍ରେମ ପରିବେଶ ସୃଷ୍ଟି କରିଥିଲା । ରାଜ୍ୟପାଳ ରାମେନ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବାୟୁସେନାର ସୂର୍ଯ୍ୟକିରଣ ଏରୋବାଟିକ୍ ଟିମ୍ ପକ୍ଷରୁ ନବ-ରାୟପୁରର ସେଣ୍ଟ୍ ହ୍ରଦ ନିକଟରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିବା ସହ ଆକାଶ ମାର୍ଗରେ ବିଭିନ୍ନ ପ୍ରକାର ଯାନ୍ତ୍ରିକ କଳାକୌଶଳ ଦେଖାଇଥିଲେ । ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏହି ଏୟାର ଶୋ'କୁ ଉପଭୋଗ କରିଥିଲେ ।

# ଜୟଶଙ୍କର - ଇଣ୍ଡିଆ-ଜାପାନ ଫୋରମ୍

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ରଣନୀତିକ ସ୍ଥିରତା ବଜାୟ ରଖିବାପାଇଁ ଭାରତ-ଜାପାନ ସହଭାଗିତାର ଅବଦାନ ଉଲ୍ଲେଖନୀୟ । ନୂଆଦିଲ୍ଲୀରେ ଅଷ୍ଟମ ଭାରତ-ଜାପାନ ଇଣ୍ଡୋ-ପାସିଫିକ୍ ଫୋରମ୍‌କୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଗତ କିଛି ଦଶନ୍ଧି ଧରି ଉଭୟ ଦେଶ ମଧ୍ୟରେ ସହଭାଗିତା ଦୃଢ଼ୀଭୂତ ହୋଇଛି । ଶକ୍ତିର ଉପଯୋଗ, ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଓ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ, ସ୍ୱଚ୍ଛ ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ନିବେଶ ନେଇ ଉଭୟ ଦେଶ ଧ୍ୟାନକେନ୍ଦ୍ରିତ କରିବା ଉଚିତ ବୋଲି ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଜାପାନ ପ୍ରତିପକ୍ଷ ସାନାଏ ତାକାଇଚିଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ଉଲ୍ଲେଖ କରି ବୈଦେଶିକ ମନ୍ତ୍ରୀ କହିଛନ୍ତି, ଏହା ଉଭୟ ଦେଶ ସେମାନଙ୍କର ସହଭାଗିତାକୁକ ପ୍ରାଥମିକତା ଦେଉଥିବା ପ୍ରତିଫଳିତ କରୁଛି । ମନ୍ତ୍ରୀ କହିଛନ୍ତି, ମାଲେସିଆ ରାଜଧାନୀ କ୍ୱାଲାଲାମ୍ପୁରରେ ସମ୍ପ୍ରତି ଆସିଆନ୍ ଶିଖର ସମ୍ମିଳନୀରେ ଜାପାନର ବୈଦେଶିକ ମନ୍ତ୍ରୀ ତୋସିମିସୁ ମୋତେଗିଙ୍କ ସହ ସାକ୍ଷାତ୍ ଅବସରରେ ଉଭୟ ପକ୍ଷ ପାରସ୍ପରିକ ସହଭାଗିତାକୁ ଆହୁରି ଆଗେଇ ନେବାପାଇଁ ଭବିଷ୍ୟତରେ

ବିଚାର କରବାଲାଗି ଏକମତ ହୋଇଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଏ.ଆଇ. ଗଭର୍ଣ୍ଣାନ୍ସ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତ୍ତା – ଏ.ଆଇ. ଶାସନ ମାର୍ଗଦର୍ଶିକା ଉନ୍ମୋଚନ କରିଛି । ଏହି ନିର୍ଦ୍ଦେଶାବଳୀ ବିଭିନ୍ନ କ୍ଷେତ୍ରରେ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଏ.ଆଇ. ଗ୍ରହଣ ସୁନିଶ୍ଚିତ କରିବାପାଇଁ ଏକ ବ୍ୟାପକ ଢାଞ୍ଚା । ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନି ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ୍, ମନ୍ତ୍ରଣାଳୟ ସଚିବ ଏସ୍. କ୍ରିଷ୍ଣନ୍‌ଙ୍କ ଉପସ୍ଥିତିରେ ଏହି ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଛି । ଏହି ନିର୍ଦ୍ଦେଶାବଳୀ ଅତ୍ୟାଧୁନିକ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଏ.ଆଇ. ବିକାଶପାଇଁ ଏକ ଦୃଢ଼ ଶାସନ ଭିତ୍ତିଭୂମିର ସୁଦୃଢ଼ କରିବ ବୋଲି ପ୍ରଫେସର ସୁଦ୍ କହିଛନ୍ତି ।

# ଗୋୟଲ୍ - ନ୍ୟୁଜିଲାଣ୍ଡ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ ଆଜି ଅକ୍‌ଲାଣ୍ଡରେ ଆୟୋଜିତ ଭାରତ-ନ୍ୟୁଜିଲାଣ୍ଡ ବ୍ୟବସାୟ ଫୋରମ୍ ଅବସରରେ ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଟଡ୍ ମାକ୍‌କ୍ଲେ'ଙ୍କୁ ଭେଟିଛନ୍ତି । ଶ୍ରୀ ଗୋୟଲ୍' ସାମୁଦ୍ରିକ, ମହାକାଶ, ପ୍ରତିରକ୍ଷା, ଶିକ୍ଷା, କ୍ରୀଡ଼ା ଏବଂ ପର୍ଯ୍ୟଟନ ସମେତ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗର କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ସେ ମଧ୍ୟ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ୍ ଓ ଶ୍ରୀ ମାକ୍‌କ୍ଲେଙ୍କ ସହିତ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରିଛନ୍ତି । ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ଶ୍ରୀ ଗୋୟଲ୍ କହିଛନ୍ତି, ସରକାର ଟିକସ ହ୍ରାସ କରିବା ସହ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମାର ଚୂଡ଼ାନ୍ତକରଣ କେବଳ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ମଜବୁତ କରିବ ନାହିଁ; ବରଂ ଉଭୟ ଦେଶପାଇଁ ପ୍ରଚୁର ସୁଯୋଗ ଆଣିଦେବ । ଭାରତ-ନ୍ୟୁଜିଲାଣ୍ଡ ସହଭାଗିତାକୁ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, ଏକ ନିରପେକ୍ଷ ଏବଂ ସନ୍ତୁଳିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନୂତନ ସୁଯୋଗ ଆଣିଦେବା ସହ ଉଭୟ ଦେଶର ଲୋକଙ୍କୁ ଲାଭ ପହଞ୍ଚାଇପାରିବ ।

# ବାଲିଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଐତିହାସିକ ବାଲିଯାତ୍ରା କଟକ -୨୦୨୫କୁ ଉଦ୍‌ଘାଟନ କରିଛନ୍ତି। ଏସିଆ ମହାଦେଶର ଏହି ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟମେଳାରେ  ପ୍ରଥମଥର ପାଇଁ ଇଣ୍ଡୋନେସିଆ ସହଭାଗୀ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରିଛି। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍.କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି। ଚଳିତଥର ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଇଣ୍ଡୋନେସିଆର  ଖାଦ୍ୟ, କଳା, ସଂସ୍କୃତି ସମ୍ବଳିତ ପ୍ରଦର୍ଶନୀ ମଣ୍ଡପ ସ୍ଥାନ ପାଇଛି।

୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଚଳିତ ଥର ପ୍ରାୟ ୬୦ ଏକର ପରିମିତ ଜମିରେ ୧୬ ଶହ ୬୦ରୁ ଅଧିକ ଷ୍ଟଲ୍ ପଡିଛି। ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।  ବିଭିନ୍ନ ଲୋକକଳା ଏବଂ ସଂସ୍କୃତିକୁ ନେଇ ଜିଲ୍ଲାରେ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ।

ଆଜି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି ।

## ଇକ୍ଷକ ସିପ୍ କମିଶନ

ଭାରତୀୟ ନୌସେନା ଆସନ୍ତାକାଲି କୋଚିସ୍ଥିତ ନୌସେନା ଘାଟିରେ ଇକ୍ଷକ ଜାହାଜକୁ ଆନୁଷ୍ଠାନିକ ଭାବେ ସେବାରେ ନିୟୋଜିତ କରିବ । ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦୀନେଶ କେ. ତ୍ରିପାଠୀଙ୍କ ଉପସ୍ଥିତିରେ ଏହି ଜଳାବତରଣ ସମାରୋହ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇ କହିଛି, ଇକ୍ଷକ' ହାଇଡ୍ରୋଗ୍ରାଫିକ୍ ସର୍ଭେ କ୍ଷମତାକୁ ବୃଦ୍ଧି କରିବ । ମନ୍ତ୍ରଣାଳୟ କହିଛି, ଇକ୍ଷକ' ଜାହାଜ ନିର୍ମାଣ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ । ସମୁଦ୍ରରେ ସୁରକ୍ଷିତ ନାଭିଗେସନ୍ ସୁନିଶ୍ଚିତ କରିବା, ଭାରତର ସାମୁଦ୍ରିକ ନିରାପତ୍ତାକୁ ମଜବୁତ୍ କରିବା କ୍ଷେତ୍ରରେ ଇକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ରୁଷିଆ - ନ୍ୟୁକ୍ଲିୟର୍ ମିଶାଇଲ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ କହିଛନ୍ତି, ରୁଷ ପରବର୍ତ୍ତୀ ପିଢ଼ିର ପରମାଣୁ ସଂଚାଳିତ କ୍ରୁଜ୍ କ୍ଷେପଣାସ୍ତ୍ରର ବିକାଶ ଆରମ୍ଭ କରିଛି ।

କ୍ରେମ୍‌ଲିନ୍‌ରେ ଅସ୍ତ୍ରଶସ୍ତ୍ର ଉତ୍ପାଦନକାରୀଙ୍କପାଇଁ ଏକ ପୁରସ୍କାର ସମାରୋହକୁ ସମ୍ବୋଧିତ କରି ଶ୍ରୀ ପୁତିନ୍ କହିଛନ୍ତି, ପରମାଣୁ ସଞ୍ଚାଳିତ ଅସ୍ତ୍ରଗୁଡ଼ିକ ରୁଷ୍ ତଥା ଏକବିଂଶ ଶତାବ୍ଦୀ ପାଇଁ ଐତିହାସିକ ଗୁରୁତ୍ୱ ବହନ କରେ । ସେ କହିଛନ୍ତି, ପରମାଣୁ ଚାଳିତ କ୍ରୁଜ୍ କ୍ଷେପଣାସ୍ତ୍ରର ପରବର୍ତ୍ତୀ ପିଢ଼ିର ଗତି ଶବ୍ଦର ଗତିଠାରୁ ୩ ଗୁଣ ଅଧିକ ହେବ ଏବଂ ଭବିଷ୍ୟତରେ ଏହା ଆହୁରି ଅଧିକ ଗତିଶୀଳ ହେବ ।

ପ୍ରତିରକ୍ଷା କ୍ଷେତ୍ରରେ ବିକାଶପାଇଁ ରୁଷ୍‌ର ସ୍ଥଳ ଓ ନୌସେନାକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଯାନବାହନ ସହିତ ସଜ୍ଜିତ କରିବାପାଇଁ ସମସ୍ତ ଯୋଜନା କାର୍ଯ୍ୟ କରାଯାଉଛି ବୋଲି ରୁଷ୍ ରାଷ୍ଟ୍ରପତି ପ୍ରକାଶ କରିଛନ୍ତି । ଶ୍ରୀ ପୁତିନ୍ କହିଛନ୍ତି, ନୂତନ ଅଭାନ୍‌ଗାର୍ଡ଼ କ୍ଷେପଣାସ୍ତ୍ର ପ୍ରଣାଳୀକୁ ଯୁଦ୍ଧରେ ସାମିଲ୍ କରାଯାଇଛି । ଦେଶର ପରମାଣୁ ଚାଳିତ ବୁର୍‌ଭେଷ୍ଟନିକ୍ କ୍ଷେପଣାସ୍ତ୍ର ଏବଂ ପୋସେଇଡନ୍ ମାନବବିହୀନ ଗଭୀର ଜଳ ଯାନର ବିକାଶକାରୀଙ୍କୁ ପୁରସ୍କୃତ କରାଯାଇଛି । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ପେଣ୍ଟାଗନ୍‌କୁ ପରମାଣୁ ଅସ୍ତ୍ର ପରୀକ୍ଷଣ ପୁନଃ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡିଆ ସ୍କ୍ୱାର୍ଡ଼ - ସାଉଥ୍ ଆଫ୍ରିକା

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ଼ - ବି.ସି.ସି.ଆଇ. ଆଜି ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପାଇଁ ଏକ ୧୫ ଜଣିଆ ଦଳ ଘୋଷଣା କରିଛି । ଏହି ଶୃଙ୍ଖଳା ଚଳିତ ମାସ ୧୪ ତାରିଖରୁ

କୋଲ୍‌କାତାରେ ଆରମ୍ଭ ହେଉଛି । ଆଘାତରୁ ସୁସ୍ଥ ହେବା ପରେ ଉପଅଧିନାୟକ ଋଷଭ୍ ପନ୍ତ ଦଳକୁ ଫେରିଛନ୍ତି । ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଦ୍ରୁତ ବୋଲର୍ ଆକାଶଦୀପଙ୍କୁ ମଧ୍ୟ ସୁଯୋଗ ମିଳିଛି । ୱିକେଟ୍ କିପର୍ ଏନ୍. ଜଗଦିଶନଙ୍କୁ ଦଳରୁ ବାଦ୍ ଦିଆଯାଇଛି । ଭାରତର ଦ୍ରୁତ ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍‌ରାହ ଏବଂ ମହମ୍ମଦ ସିରାଜ୍ ନେତୃତ୍ୱ ନେବେ । ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ୍, କୁଲ୍‌ଦୀପ୍ ଯାଦବ ଏବଂ ୱାଶିଂଟନ୍ ସୁନ୍ଦର ସ୍ପିନ୍ ବିଭାଗକୁ ସମ୍ଭାଳିବେ । ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆସନ୍ତା ୧୪ ତାରିଖରୁ କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ଠାରେ ଓ ଦ୍ୱିତୀୟ ମ୍ୟାଚ୍ ୨୨ ତାରିଖରୁ ଗୁଆହାଟୀଠାରେ ଖେଳାଯିବ । ଭାରତୀୟ ଟେଷ୍ଟ ଦଳରେ ଶୁଭମନ୍ ଗିଲ୍ ଅଧିନାୟକ, ଋଷଭ୍ ପନ୍ତ ଉପଅଧିନାୟକ, ଯଶସ୍ୱୀ ଜୟଶ୍ୱାଲ୍, କେ.ଏଲ. ରାହୁଲ୍, ସାଇ ସୁଦର୍ଶନ, ଦେବଦତ୍ତ ପାଡ଼ିକ୍କଲ୍, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର, ଯଶପ୍ରୀତି ବୁମ୍‌ରାହ, ଅକ୍ଷର ପଟେଲ୍, ନିତିଶ କୁମାର ରେଡ୍ଡୀ ମହମ୍ମଦ ସିରାଜ, କୁଲ୍‌ଦୀପ ଯାଦବ ଓ ଆକାଶ ଦୀପ ସାମିଲ୍ ଅଛନ୍ତି ।

*****